# ଓଡିଆ (୩୦୫)

## ODIA (305)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

## TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଜ୍ଞାନୀମାନେ କୁହନ୍ତି ଏ ସଂସାର ଏକ ଖେଳଘର, ଏକ ରଙ୍ଗମଞ୍ଚ । ଏକଥା କଣ ସତ ? ନିଜ ଅନୁଭବ ପ୍ରକାଶ କର । (ପାଠ- ୫ ଦେଖ)

(ଖ) ଜାତିଭେଦ ବା ଛୁଆଁ ଅଛୁଆଁ ଭେଦଭାବ ସକାଶେ ଆମ ସମାଜ ବ୍ୟବସ୍ଥା ଅନେକ ଅସୁବିଧା ଭୋଗ କରୁଛି । ତଥାପି ସେସବୁକୁ ଦୂରେଇ ଦେଇହେବ ନାହିଁ କାହିଁକି ? ବିଚାର କର । (ପାଠ- ୧ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଓଡିଆ ପୁଅ ଭାବେ ଆମେ ଗର୍ବ କରିବାର କାରଣ ଅଛି କି ? ଯାହା ଭାବୁଛ ଲେଖ ।

(ପାଠ- ୧୨ ଦେଖ)

(ଖ) ଅଧର୍ମରେ କ୍ଷୟ ଓ ଧର୍ମରେ ଜୟ - ଆମ ପୁରାଣ ସବୁ ଏହି କଥା କହିଥାନ୍ତି । ଯେ କୌଣସି ପୁରାଣ କାହାଣୀ ଆଧାରରେ ସତ୍ୟତା ଆଲୋଚନା କର ।

(ପାଠ- ୧୧ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏ ଜୀବନ କ୍ଷଣସ୍ଥାୟୀ । ଆଜି ଅଛି କାଲି କି ନାହିଁ । ସେଇ ସ୍ୱଳ୍ପ କାଳର ଜୀବନ ଯଦି ମହକ ବିଞ୍ଚିଦିଏ ତେବେ ସାର୍ଥକ ହୁଏ ବଞ୍ଚିବା । ଉକ୍ତିଟିର ସତ୍ୟତା ନିଜ ଅନୁଭବରୁ ଲେଖ ।

(ପାଠ- ୧୪ ଦେଖ)

(ଖ) ଗ୍ରାମ୍ୟ ଜୀବନରେ ସଂଧ୍ୟାର ଦୃଶ୍ୟ ସତରେ କ'ଣ ଅବର୍ଣ୍ଣନୀୟ ? ନିଜର ମତ ସାବ୍ୟସ୍ତ କର ।

(ପାଠ- ୧୩ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆଜି ଦିନରେ ନାରୀ ହତ୍ୟା ଏବଂ ଧର୍ଷଣ ହୋଇଯାଇଛି ମୁଖ୍ୟ ସମ୍ବାଦ । ଏହାର କାରଣ ଓ ନିରାକରଣ ସଂପର୍କରେ ଲେଖ ।

(ପାଠ- ୭ ଦେଖ)

(ଖ) ଓଡିଶାରେ ଜଙ୍ଗଲ ନିଆଁ ଏକ ମହାସମସ୍ୟା କି ? ଆଲୋଚନା କର ।

(ପାଠ- ୧୦ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଯେଉଁ ମହାପୁରୁଷଙ୍କୁ ଜାଣ, ସିଏ ତୁମକୁ କାହିଁକି ଭଲ ଲାଗନ୍ତି ଲେଖ । (ପାଠ- ୮ ଦେଖ)

(ଖ) ଧୂଳିଖେଳା ଓ ପାଠପଢା ବୟସର ଶିଶୁଟିଏ ଶ୍ରମିକ ସାଜିବା ଏକ ଦୁଃଖଦ ଖବର । ଶିଶୁଶ୍ରମିକ ବ୍ୟବସ୍ଥାର କାରଣ ଓ ନିରାକରଣ ଚିନ୍ତାକରି ଲେଖ ।

(ପାଠ- ୯ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ସାମ୍ପ୍ରତିକ ମାନବ ସଭ୍ୟତା ଉପରେ ମୋବାଇଲ୍ ଓ କମ୍ପ୍ୟୁଟରର ପ୍ରଭାବ ଓ ପ୍ରତିକ୍ରିୟା ଆକଳନ କର ।

(ପାଠ- ୬ ଦେଖ)

(ଖ) ଆମ ପୁରାଣ ସାହିତ୍ୟର ଯେ କୌଣସି ବିଶିଷ୍ଟ ଚରିତ୍ରକୁ ନେଇ ସମସାମୟିକ ଉପଯୋଗିତା ଭିତ୍ତିରେ ପ୍ରବନ୍ଧ ପ୍ରସ୍ତୁତ କର । (ପାଠ- ୮ ଦେଖ)